ଦିଲ୍ଲୀ ପ୍ରଶାସନ ଏହାର ମୁଖ୍ୟ ସଚିବ
ମାଧ୍ୟମରେ ଏବଂ ଅନ୍ୟମାନେ

ବନାମ

ସୁଶୀଲ କୁମାର

ଅକ୍ଟୋବର 4,1996

[କେ. ରାମାସ୍ୱାମୀ ଏବଂ ଏସ୍. ପି. କୁର୍ଦୁକର, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପୋଲିସ୍ କନଷ୍ଟେବଳଙ୍କ ନିଯୁକ୍ତି – ପ୍ରାର୍ଥୀଙ୍କ ପୂର୍ବବର୍ତ୍ତୀ ଚରିତ୍ର – ପ୍ରାର୍ଥୀ ଉପଯୁକ୍ତ ବୋଲି ଜଣାପଡ଼ିଲେ ଏବଂ ଅସ୍ଥାୟୀ ଭାବରେ ଚୟନ ହୋଇଥିଲେ – ଚରିତ୍ର ଏବଂ ପୂର୍ବବର୍ତ୍ତୀ ଘଟଣାର ଯାଞ୍ଚ ଆଧାରରେ ଚୟନ – ପୂର୍ବବର୍ତ୍ତୀ ଘଟଣା ନିଯୁକ୍ତି ପାଇଁ ଉପଯୁକ୍ତ ନୁହେଁ ବୋଲି ଜଣାପଡ଼ିଲା – ଦର୍ଶାଯାଇଛି, ଚରିତ୍ର ଏବଂ ପୂର୍ବବର୍ତ୍ତୀ ଘଟଣାର ଯାଞ୍ଚ ହେଉଛି ଚୟନ ହୋଇଥିବା ପ୍ରାର୍ଥୀ ପଦବୀ ପାଇଁ ଉପଯୁକ୍ତ କି ନାହିଁ ତାହା ପରୀକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ – ପ୍ରାର୍ଥୀ ସେବାରେ ନିଯୁକ୍ତ ହେବା ପାଇଁ ବାଞ୍ଛନୀୟ ନୁହେଁ ବୋଲି ନିଯୁକ୍ତି କର୍ତ୍ତୃପକ୍ଷ ସଠିକ ଭାବରେ ବିବେଚନା କରିଛନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 13231/1996 ।

ଓ. ଏ. ସଂଖ୍ୟା 1756/1991ରେ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 6.9.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପି. ଏ. ଚୌଧୁରୀ, ଡି. ଭି. ପାଦୁର୍ପୁଜା ଏବଂ ବି. କେ. ପ୍ରସାଦ ।

ଉତ୍ତରଦାତାଙ୍କ ପାଇଁ ସଞ୍ଜୟ କପୁର ଏବଂ ଶ୍ରୀମତୀ ଶୁଭ୍ରା କପୁର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଓ ଏ ସଂଖ୍ୟା 1756/91 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ନୂଆଦିଲ୍ଲୀଙ୍କ ଦ୍ୱାରା ସେପ୍ଟେମ୍ବର 6 ,1995 ତାରିଖରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକୃତିପ୍ରାପ୍ତ ସ୍ଥିତି ହେଉଛି ଯେ, ଉତ୍ତରଦାତା ନାମ କ୍ରମାଙ୍କ ସଂଖ୍ୟା  65790 ସହିତ ବର୍ଷ 1989-90 ରେ ଦିଲ୍ଲୀ ପୋଲିସ୍ ସେବାରେ

କନଷ୍ଟେବଳ ଭାବରେ ନିଯୁକ୍ତି ପାଇଁ ହାଜର ହୋଇଥିଲେ । ଯଦିଓ ସେ ସହନଶୀଳତା ପରୀକ୍ଷା, ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ ଶାରୀରିକ ଭାବରେ ସୁସ୍ଥ ଥିଲେ ଏବଂ ଅସ୍ଥାୟୀ ଭାବରେ ମନୋନୀତ ହୋଇଥିଲେ; ତାଙ୍କର ଚୟନ ସ୍ଥାନୀୟ ପୋଲିସ ଦ୍ୱାରା ଚରିତ୍ର ଏବଂ ପୂର୍ବବର୍ତ୍ତୀ ଘଟଣାର ଯାଞ୍ଚ ଉପରେ ନିର୍ଭର କରୁଥିଲା । ଯାଞ୍ଚ ପରେ ଜଣାପଡ଼ିଲା ଯେ, ତାଙ୍କର ପୂର୍ବବର୍ତ୍ତୀ ଘଟଣା ଏପରି ଥିଲା ଯେ କନଷ୍ଟେବଳ ପଦବୀରେ ତାଙ୍କର ନିଯୁକ୍ତି ବାଞ୍ଛନୀୟ ନଥିଲା । ତଦନୁସାରେ, ତାଙ୍କ ନାମକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । 18 ଡିସେମ୍ବର,1990 ତାରିଖର କାର୍ଯ୍ୟବିଧି ଯାହା ଦ୍ୱାରା ତାଙ୍କ ଅସ୍ଥାୟୀ ଚୟନ ବାତିଲ ହୋଇଥିଲା ତାହା ଦ୍ୱାରା ବ୍ୟଥିତ ହୋଇ, ସେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ଓ. ଏ. ଦାଖଲ କରିଥିଲେ । ନ୍ୟାୟାଧିକରଣ ଆକ୍ଷେପିତ ଆଦେଶରେ ଏହି ଆବେଦନକୁ ଏହି ଆଧାରରେ ମଞ୍ଜୁର ଦେଇଛନ୍ତି ଯେ, ଯେହେତୁ ଉତ୍ତରଦାତାଙ୍କୁ ଆଇପିସିର ଧାରା 304 ଅନୁଯାୟୀ ଦଣ୍ଡନୀୟ ଅପରାଧରୁ ମୁକ୍ତ କରାଯାଇଛି ଏବଂ/କିମ୍ବା ଦୋଷମୁକ୍ତ କରାଯାଇଛି, ତେଣୁ ଆଇପିସିର ଧାରା 324 ସହିତ 34 ଏବଂ ଆଇପିସିର ଧାରା 324 ଅନୁଯାୟୀ, ତାଙ୍କୁ ରାଜ୍ୟ ଅଧୀନରେ ପଦବୀରେ ନିଯୁକ୍ତିର ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ । ପ୍ରଶ୍ନଟି ହେଉଛି : ନ୍ୟାୟାଧିକରଣ ଦ୍ୱାରା ନିଆଯାଇଥିବା ମତ ଆଇନରେ ସଠିକ କି ? ଏହା ଦେଖିବାକୁ ମିଳିଛି ଯେ, ମନୋନୀତ ପ୍ରାର୍ଥୀ ରାଜ୍ୟ ଅଧୀନରେ କୌଣସି ପଦବୀ ପାଇଁ ଉପଯୁକ୍ତ କି ନାହିଁ ତାହା ପରୀକ୍ଷା କରିବା ପାଇଁ ଚରିତ୍ର ଏବଂ ପୂର୍ବବର୍ତ୍ତୀ ଘଟଣାର ଯାଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଅଟେ । ଯଦିଓ ସେ ଶାରୀରିକ ଭାବେ ସୁସ୍ଥ ଥିଲେ, ଲିଖିତ ପରୀକ୍ଷା ଏବଂ ସାକ୍ଷାତକାରରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଅସ୍ଥାୟୀ ଭାବରେ ମନୋନୀତ ହୋଇଥିଲେ, ତାଙ୍କ ପୂର୍ବବର୍ତ୍ତୀ ନଥି ହେତୁ, ନିଯୁକ୍ତି କର୍ତ୍ତୃପକ୍ଷ ଶୃଙ୍ଖଳିତ ବାହିନୀରେ କନଷ୍ଟେବଳ ଭାବରେ ଏହିପରି ନଥି ଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ବାଞ୍ଛନୀୟ ନୁହେଁ ବୋଲି ବିବେଚନା କରିଥିଲେ । ମାମଲାର ପୃଷ୍ଠଭୂମିରେ ନିଯୁକ୍ତି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ମତକୁ ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ । ତେଣୁ ନ୍ୟାୟାଧିକରଣ ତାଙ୍କ ମାମଲାର ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେବାରେ ସମ୍ପୂର୍ଣ୍ଣ ଅନୁଚିତ ଥିଲେ । ଯଦିଓ ସେ ଫୌଜଦାରୀ ଅପରାଧରୁ ମୁକ୍ତ ହୋଇଥିଲେ କିମ୍ବା ଦୋଷମୁକ୍ତ ହୋଇଥିଲେ, ପ୍ରଶ୍ନ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଯାହା ପ୍ରାସଙ୍ଗିକ ହେବ ତାହା ହେଉଛି କୌଣସି ସେବାରେ ନିଯୁକ୍ତ ହେବାକୁ ଥିବା ପ୍ରାର୍ଥୀଙ୍କ ଆଚରଣ କିମ୍ବା ଚରିତ୍ର ଏବଂ ଏହାର ପ୍ରକୃତ ଫଳାଫଳ ନୁହେଁ । ଯଦି ପ୍ରକୃତ ଫଳାଫଳ ଏକ ନିର୍ଦ୍ଦିଷ୍ଟ ଉପାୟରେ ଘଟିଥାଏ, ତେବେ ଆଇନ ଏହାର ପରିଣାମର ଯତ୍ନ ନେବ । ଏହି ମାମଲା ପାଇଁ ପ୍ରାସଙ୍ଗିକ ବିଚାର ପ୍ରାର୍ଥୀଙ୍କ ପୂର୍ବବର୍ତ୍ତୀ ଘଟଣା ଅଟେ । ତେଣୁ ନିଯୁକ୍ତି କର୍ତ୍ତୃପକ୍ଷ ଏହି ଦିଗକୁ ସଠିକ ଭାବରେ ଧ୍ୟାନ ଦେଇଛନ୍ତି ଏବଂ ତାଙ୍କୁ ସେବାରେ ନିଯୁକ୍ତ କରିବା ବାଞ୍ଛନୀୟ ନୁହେଁ ବୋଲି ବିବେଚନା କରିଛନ୍ତି ।

ତଦନୁସାରେ ଅପିଲକୁ ମଞ୍ଜୁର ଦିଆଯାଇଛି । ନ୍ୟାୟାଧିକରଣଙ୍କ ଆଦେଶକୁ ରଦ୍ଦ କରି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ମଞ୍ଜୁର ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ